## ୧୫ ରୁ ଗଁପୁରରେ ତିନିଦିନିଆ ମୁକ୍ତମଞ୍ଚ ନାଟକ



ବେଗୁନିଆ,୨୪।୨(ସମିସ): ବେଗୁନିଆ ବ୍ଲକ୍ ସିମୋର୍ ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମର ଆରାଧ ବାବା ବିଶ୍ୱନାଥ ଦେବଙ୍କ ପୀଠରେ ଆମ ଗାଁ ରଜ ପରବ ଅବସରରେ ତିନିଦିନିଆ ମୁକ୍ତମଞ୍ଚ ନାଟକ ପରିବେଷଣ କରାଯିବ। ଏହା ଆସନ୍ତା ଜୁନ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଗ୍ରାମ୍ୟ କଳାକାର ଜୟଦୁର୍ଗା ନାଟ୍ୟ ସଂସଦର ନାଟକ "ତୁ ମୋ ବଜରଙ୍ଗୀ', ଗୌରୀ ଶଙ୍କର ନାଟ୍ୟ ସଂସଦ "ଗୁହାରି ଶୁଣ ଦୀନବନ୍ଧୁ' ଓ ଭବାନୀ ଶଙ୍କର ନାଟ୍ୟ ସଂସଦର ନାଟକ 'କିଏ ପୋଛିଦେବ ଆଖିର ଲୁହ' ନାଟକ ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି। ଏହି ଉପଲକ୍ଷେ ମନ୍ଦିର ପୂଜକ ଗଣେଶ୍ୱର ମହାପାତ୍ରଙ୍କ ଉପସ୍ଥିତିରେ ବୈଦିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ନାଟ୍ୟ ସଂସଦ ସଭାପତି ପ୍ରତାପ ରଣା, ପ୍ରତାପ କୁମାର ବେହେରା, ଉପସଭାପତି ରଞ୍ଜନ କୁମାର ସାହୁ, ଉପଦେଷ୍ଟା ଅଭିମନ୍ୟୁ ସାହୁ, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ଉପସଭାପତି ଶରତ ଚନ୍ଦ୍ର ବେହେରା ଓ ସମ୍ପାଦକ ଦିବ୍ୟସିଂହ ରଣାଙ୍କ ସମେତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

## ୨୮ ରୁ ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ

ବେଗୁନିଆ,୨୪।୫(ସମିସ): ବେଗୁନିଆ ବ୍ଲକ୍ ଦେଉଳି ପଞ୍ଚାୟତ ଡଙ୍ଗରପଡ଼ା ଗ୍ରାମସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଚଳିତ ମାସ ୨୮ ରିଖରୁ ଆରମ୍ଭ ହୋଇ ୩୧ରିଖ ପଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା କଳା ସଂସ୍କୃତି ବିଭାଗ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ଏକ ସାଧାରଣ ସଭା ଆୟୋଜନ କରାଯାଇଛି। ଏ ନେଇ ମହୋତ୍ସବର ଆବାହକ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ସଭାପତି ବିଜୟ କୁମାର ରାଉତରାୟ, ଉପସଭାପତି ଗଣେଶ୍ୱର ମହାରଣା, ସମ୍ପାଦକ ଦିବ୍ୟ ଲୋଚନ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଜୟକୃଷ୍ଣ ପାଇକରାୟ ପ୍ରମୁଖ ସୂଚନା ଦେଇଛନ୍ତି।

## ଚାନ୍ଦପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ସ୍ଥାନାନ୍ତରିତ

ଟାଙ୍ଗୀ,୨୪।୫(ସମିସ): ଟାଙ୍ଗୀ ଚାନ୍ଦପୁର ପୁରୁଣା ଜାତୀୟ ରାଜପଥ ମଧ୍ୟରେ ଚାନ୍ଦପୁର ବଜାର ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଶାଖା କଡ଼ା ସୁରକ୍ଷା ବଳୟରେ ସ୍ଥାନାନ୍ତରିତ ହୋଇଛି। ୧୯୮୦ ମସିହାରୁ ଆରମ୍ଭ ହୋଇଥିବା ଏହି ଶାଖା ୪୬ ବର୍ଷ ମଧ୍ୟରେ ଦୁଇ ଥର ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ଚାନ୍ଦପୁର ବଜାରରୁ ସ୍ଥାନାନ୍ତର ହୋଇ ମା' ଦୁର୍ଗା ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତାକୁ ଷ୍ଟେଟବ୍ୟାଙ୍କ ଲକର, ସ୍ୱର୍ଣ୍ଣ ଅଳଙ୍କାର, ଜମା ଟଙ୍କା ସମେତ ସ୍ଥାବର ଅସ୍ଥାବର ସମ୍ପତି ଓ କାଗଜ ପତ୍ରକୁ ଚାନ୍ଦପୁର ଥାନା ଆରକ୍ଷୀ ନିରୀକ୍ଷକ ଅଭୟ କୁମାର ବେହେରାଙ୍କ, ସଶସ୍ତ୍ର ପୁଲିସ ଫୋର୍ସ ବ୍ୟାଙ୍କର ଶାଖା ପରିଚାଳକ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ସମସ୍ତ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ଶୃଙ୍ଖଳାର ସହିତ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଅତ୍ୟାଧୁନିକ ମଡେଲରେ ଏହି ନୂତନ ଶାଖାରେ ଗାଡ଼ି ପାର୍କିଙ୍ଗର ସୁବ୍ୟବସ୍ଥା ସହିତ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଅନୁରୋଧକ୍ରମେ ଭିନ୍ନକ୍ଷମ ଏବଂ ବରିଷ୍ଠ ମାନଙ୍କ ପାଇଁ ସ୍ୱତନ୍ତ୍ର ଚଲାପଥ, ନିଜସ୍ୱ ବିଦ୍ୟୁତ ବ୍ୟବସ୍ଥା ଏବଂ ଏଟିଏମ୍ ଏବଂ ସିଡିଏମ୍‌ର ମଧ୍ୟ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଆସନ୍ତା ସୋମବାର ଠାରୁ ନୂତନ ଠିକଣାରେ ଗ୍ରାହକମାନଙ୍କୁ ଆର୍ଥିକ କାରବାର ଦେଣନେଣର ସୁବିଧା ଯୋଗାଇ ଦିଆଯିବ ବୋଲି ଶାଖା ପରିଚାଳକ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ



ନିରାକାରପୁର,୨୪।୫(ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ପ୍ରାଣହାନି ଘଟିଛି। ଏକ ମୋଟରସାଇକେଲ୍ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ ଗଛରେ ପିଟିହେବା ଫଳରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ଆଜି ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଜଣେ ଯୁବକ ଏକ ମୋଟରସାଇକେଲ୍ ଯୋଗେ ପୁରୀ ପଟୁ ରାମେଶ୍ୱର ଛକ ଆଡ଼କୁ ଆସୁଥିଲେ। ତେବେ ରାମେଶ୍ୱର ଛକ ନିକଟରେ କୌଣସି କାରଣବଶତଃ ଗାଡ଼ିଟି ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଯୁବକ ଜଣକ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ନିରାକାରପୁର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ଗାଡ଼ି ନମ୍ବରକୁ ଆଧାର କରି ଯାଞ୍ଚ କରିବା ପରେ ଏହି ମୋଟରସାଇକଲ୍‌ଟି ବାଲୁଗାଁ ଅଞ୍ଚଳର କୁମଣ୍ଡଳ ଗ୍ରାମର ତ୍ରିନାଥ ବେହେରାଙ୍କର ବୋଲି ଜଣାପଡ଼ିଥିଲା। ଏହାପରେ ପୁଲିସ ପକ୍ଷରୁ ଗାଡ଼ି ମାଲିକ ତ୍ରିନାଥ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା। ମିଳିଥିବା ସୂଚନା ମୁତାବକ, ଗାଡ଼ି ଚାଳକ ଏବଂ ମୃତ ଯୁବକ ଜଣକ ସମ୍ପର୍କରେ ତ୍ରିନାଥଙ୍କ ପିଉସୀ ପୁଅ ଭାଇ ବୋଲି ଜଣାପଡ଼ିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ସମ୍ପର୍କରେ ନିରାକାରପୁର ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ। ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ଖବର ପାଇ ଖୋର୍ଦ୍ଧା ଅଭିମୁଖେ ବାହାରିଥିବା ଜଣାପଡ଼ିଛି।

### ପ୍ରଶାସନର ମଧୁଚନ୍ଦ୍ରିକାରେ ଚାଲିଛି ବେଆଇନ ଇଟାଭାଟି

# ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ ଅଞ୍ଚଳବାସୀ

ବାଲୁଗାଁ,୨୪।୫(ସମିସ)



ବାଣପୁର ଓ ଚିଲିକା ତହସିଲ ଅଂଚଳର ବିଭିନ୍ନ ରାଜସ୍ୱ ଗ୍ରାମରେ ମାତିଛନ୍ତି ଇଟା ମାଫିଆ। ଲୁଟୁଛନ୍ତି ଶତାଧିକ ଏକର ଗୋଚର, ଅନାବାଦୀ ଜମି। ନଦୀ ପଠା ଓ ରାଜସ୍ୱ ଜମି ସବୁ ମାଫିଆଙ୍କ ଅକ୍ତିଆରରେ। ସବୁ ଜାଣି ଅଜଣା ସାଜିଛନ୍ତି ସ୍ଥାନୀୟ ପ୍ରଶାସନ ଓ ରାଜସ୍ୱ ନିରୀକ୍ଷକ। ଏଭଳି ଘଟଣା ଦେଖିବାକୁ ମିଳିଛି ବିଷ୍ଣୁଡିହ, ଗାଲୁଆ, ନନ୍ଦପୁର, ନରେନ୍ଦ୍ରପୁର ଓ କୁମାରାଙ୍ଗ ପଞ୍ଚାୟତ ସମେତ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ତଥା ରାଜସ୍ୱ ନିରୀକ୍ଷକଙ୍କ ଅଞ୍ଚଳରେ। ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ସରକାର ଅନେକ ପନ୍ଥା ଆପଣାଇ ଥିବା ବେଳେ ସେ ସବୁକୁ ଫୁ କରିଦେଇଛନ୍ତି ଇଟା ମାଫିଆ। ବେଆଇନ ଭାବେ କରି ଚାଲିଛନ୍ତି ଶହ ଶହ ଇଟା ଭାଟି। ଏଥିରେ ବାୟୁ ମଣ୍ଡଳ ପ୍ରଦୂଷଣ ହେବା ସହିତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅଞ୍ଚଳବାସୀ ଅତିଷ୍ଠ ହେଉଥିବା ବେଳେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅଣ ନିଃଶ୍ୱାସୀ ହୋଇପଡ଼ିଛନ୍ତି। ବିଶେଷ କରି ଶ୍ୱାସ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନ ସବୁକିଛି ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି। ପ୍ରଶାସନର ଏଥିପ୍ରତି ଲଗାମ ନଥିବାରୁ ଜନବସତିରେ ହେଉ ବା ରାସ୍ତା କଡ଼, ନଦୀ ପଠ, ନିଜସ୍ୱ ଜମି କିମ୍ବା ଗୋଚର ଜମି ହେଉ ବା ଲିଜ୍ ନେଇଥିବା ଜମି ହେଉ ପ୍ରତ୍ୟେକ ଜାଗାରେ ଦେଖିବାକୁ ମିଳୁଛି ମାଳ ମାଳ ବେଆଇନ ଇଟା ଭାଟି। ବିଷ୍ଣୁଡ଼ିହ ପଞ୍ଚାୟତର ଖଣତ, ଗାଲୁଆ ପଞ୍ଚାୟତର ସୁନାକେରା, ବାଲିପଦର, ଭୀମପୁର, ନନ୍ଦପୁର ପଞ୍ଚାୟତର ଅନ୍ତରକିଆରୀ, ନରେନ୍ଦ୍ରପୁର ପଞ୍ଚାୟତର ନରେନ୍ଦ୍ରପୁର, କୋଳଥଡ଼ି, ହଳନ୍ଦା ଭଳି ଅନେକ ରାଜସ୍ୱ ଅଂଚଳରେ ଏଭଳି ବେଆଇନ ଇଟା ଭାଟି ମାନ ଗଢ଼ିଉଠିଛି। ଗୋଟିଏ ପଟେ ସରକାର ବାହାଦୂରୀ ମାରୁଛନ୍ତି ପରିବେଶ ପ୍ରଦ୍ୟୁଷଣ ରୋକିବା ପାଇଁ ବିଭିନ୍ନ ଆଇନକୁ କଡ଼ାକଡ଼ି କରୁଥିବା ବେଳେ ଅନ୍ୟ ପଟେ ଏଠି ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଦୁର୍ନିତିରେ ବୁଡ଼ି ରହି ଏଭଳି ବେଆଇନ କାର୍ଯ୍ୟକୁ ସଲାସୂତରାରେ ଲୁଟୁଥିବା ଜଣା ପଡ଼ିଛି। କାହିଁକି ନା ସରକାରୀ ନିୟମ ମୁତାବକ ଭାଟି ବସାଇ ଇଟା ପୋଡ଼ିବା ବା ଫ୍ୟାକ୍ଟ୍ରି କରିବାକୁ ହେଲେ ରାଜ୍ୟ ପ୍ରଦ୍ୟୁଷଣ ବୋଡର୍‌ର ଅନୁମତି ସଙ୍ଗକୁ ସ୍ଥାନୀୟ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକଙ୍କ ଅନୁମତି ନିହାତି ଜରୁରୀ। ହେଲେ ଏଠାରେ ସବୁକିଛିକୁ ଫୁ କରିଦେଇ ଇଟା ମାଫିଆମାନେ ପ୍ରଶାସନର ମଧୁଚନ୍ଦ୍ରିକାରେ ବେଧଡ଼କ ଇଟାଭାଟି ଚଲାଇଥିବା ଦେଖିବାକୁ ମିଳୁଛି। ଧର୍ମକୁ ଆଖିଠାର ସଦୃଶ ରାଜସ୍ୱକୁ ଠକି ଛୋଟିଆ ମୋଟିଆ ଭାବେ ଟାକ୍ସ ଆଦାୟ ନେଇ ରାଜସ୍ୱ ନିରୀକ୍ଷକ, ତହସିଲଦାର ଇଟା ମାଫିଆଙ୍କ ସଲାସୂତ୍ରରାରେ ବଡ଼ ଧରଣର ରାଜସ୍ୱ ଆଦାୟକୁ ହରିଲୁଟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ବର୍ତ୍ତମାନ ପରିସ୍ଥିତିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ପରିଲକ୍ଷିତ ହେଉଥିବା ସ୍ଥଳେ ବାଣପୁର ତଥା ସମଗ୍ର ଅଞ୍ଚଳର ଜନସାଧାରଣ ତତଲା କଡ଼େଇରେ ଛଟପଟ ହେଉଛନ୍ତି। ଅଞ୍ଚଳରେ ଗତ କିଛି ଦିନ ହେବ ତାପମାତ୍ରା ସର୍ବାଧିକ ୪୨ ଡିଗ୍ରୀ ଛୁଇଁଲାଣି। ସନ୍ଧ୍ୟାରେ ସମଗ୍ର ଅଞ୍ଚଳରେ ଚିଲିକା ହ୍ରଦର ଥଣ୍ଡା ପବନ ବହିବାରେ ତାପମାତ୍ରା ସାମାନ୍ୟ ହ୍ରାସ ପାଉଥିଲେ ମଧ୍ୟ ଅସହ୍ୟ ଗୁଳୁଗୁଳି ପରିଲକ୍ଷିତ ହେଉଛି। ମଧ୍ୟାହ୍ନ ସମୟ ବେଳକୁ ରାସ୍ତା ଘାଟ ଜନ ଶୁନ୍ୟ ହୋଇ ଖାଁ ଖାଁ ହୋଇପଡୁଥିବା ଦେଖିବାକୁ ମିଳୁଛି। ଅଞ୍ଚଳବାସୀ କ୍ରମାଗତ କିଛିଦିନ ହେଲା ଅସହ୍ୟ ତାତି ଏବଂ ଗୁଳୁଗୁଳି ସହ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ଲଳିତ ବିଡ଼ା ସଦୃଶ ହୋଇପଡିଛି। ଏ ସମ୍ପର୍କରେ ବାଣପୁର ତହସିଲଦାର ଦାୟିତ୍ୱରେ ଥିବା କାହ୍ନୁଚରଣ ଘଡ଼େଇଙ୍କୁ ମତାମତ ପାଇଁ ଫୋନ ଯୋଗେ ଯୋଗାଯୋଗ କରିବାରେ ସେ କହିଥିଲେ ଯେ ମାତ୍ର କିଛି ଦିନ ହେବ ମୁଁ ଏଠି ଦାୟିତ୍ୱ ନେଇଛଦାୟୀତ୍ୱରେ ରହିଛନ୍ତି, ଏନେଇ ତାଙ୍କ ପାଖରେ କୌଣସି ଅଭିଯୋଗ ନାହିଁ। ବର୍ତ୍ତମାନ ଏ ସମ୍ପର୍କରେ ଜାଣିବାକୁ ପାଇଲି, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହି ଦୁର୍ନିତିକୁ ରୋକିବା ଦ୍ୱାରା ଯାହା ରାଜସ୍ୱ ଆଦାୟ ଦିଗରେ ସହାୟକ ହେବ ଏବଂ ତତଲା କଡ଼େଇରେ ଛଟପଟରୁ ଜନସାଧାରଣ ଉଦ୍ଧାର ପାଇବେ ବୋଲି ଲୋକେ କହୁଥିବା ବେଳେ ଏଥିପ୍ରତି ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି ହେଉଛି।

## ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହେଲେ ଓଡ଼ିଆ ପୁଅ ଆର୍ତ୍ତତ୍ରାଣ




ନିରାକାରପୁର,୨୪।୫(ସମିସ): ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଗୌରବଭରା ଖବର। ସୁଦୂର ଗୋଆର ପାଣାଜୀସ୍ଥିତ 'ଡବଲଟ୍ରି ବାଇ ହିଲଟନ'ଠାରେ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଷ୍ଠିତ "ଦି ଇଣ୍ଟରନ୍ୟାସନାଲ ଆୱାର୍ଡସ ସମିଟ୍ ୨୦୨୬' ଅବସରରେ ଓଡ଼ିଶାର ବିଶିଷ୍ଟ ପୌରାଣିକ କବି ଡ. ଆର୍ତ୍ତତ୍ରାଣ ସାହୁଙ୍କୁ ସମ୍ମାନଜନକ "ଇଣ୍ଟରନ୍ୟାସନାଲ ଆଇକନିକ ଷ୍ଟାର ଆୱାର୍ଡ' ପ୍ରଦାନ କରାଯାଇଛି। ତାଙ୍କୁ ଏହି ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଆ ଭାଷା ଓ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ, ବିଶେଷ କରି ତାଙ୍କର ଉଚ୍ଚକୋଟୀର ପୌରାଣିକ କବିତା ଓ ଭକ୍ତିଭାବପୂର୍ଣ୍ଣ ରଚନା ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଡ. ସୁରେନ୍ଦ୍ର ମାଥିଲାନେ ଏବଂ ସମ୍ମାନିତ ଅତିଥି ଭାବେ ମିସ୍ ମୋହିନୀ ଅଂଶୁଧର (ଏସିଆ ମୁକୁଟ ବିଜେତା ୨୦୨୬) ଯୋଗ ଦେଇଥିଲେ। ଏଥିସହିତ ଟିଆଇଏଫ୍‌ର ଚେୟାରମ୍ୟାନ କେ. କେ. ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମଗ୍ର ସାରସ୍ୱତ ସମାରୋହର ସଫଳ ପରିଚାଳନା କରିଥିଲେ। ପୌରାଣିକ କବି ଡ. ଆର୍ତ୍ତତ୍ରାଣ ସାହୁଙ୍କ ଏହି ସଫଳତା ପାଇଁ ଓଡ଼ିଶାର ସାହିତ୍ୟ ପ୍ରେମୀ ତଥା ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଆୱାର୍ଡ କେବଳ ତାଙ୍କ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଆ ଜାତି ଓ ଭାଷା ପାଇଁ ଏକ ବଡ଼ ଗୌରବ ଆଣିଦେଇଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ବାଲିପାଟପୁରରେ ରାମଲୀଳା ଉଦ୍‌ଯାପିତ



ଭୂଷଣ୍ଡପୁର,୨୪।୫(ସମିସ): ଟାଙ୍ଗୀ ବ୍ଲକର ବାଲିପାଟପୁର ଗ୍ରାମପଞ୍ଚାୟତର ଦୋଳପଡ଼ିଆ ଠାରେ ମାସାଧିକ ଧରି ଚାଲିଆସୁଥିବା ରାମଲୀଳା ଆଜି ଉଦ୍‌ଯାପିତ ହୋଇଛି। ବାଲିପାଟପୁରର ରଘୁନାଥଦେବ ଯୁବ ଲୀଳା ପରିଷଦ ଦ୍ୱାରା ଆୟୋଜିତ ରାମାୟଣର କଥାବସ୍ତୁକୁ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ କାହାଣୀକୁ ନାଟକୀୟ ଢଙ୍ଗରେ ପରିବେଷଣ କରାଯାଇଥିଲା। ରାମଲୀଳାର ଅନନ୍ତ ଶୟନ, ରାମ ଲକ୍ଷ୍ମଣଙ୍କ ଜନ୍ମ, ମାରୀଚ ସୁବାହୁ ବଧ, ସୀତା ବିବାହ, ରାମ ବନବାସ, ବାଳି ସୁଗ୍ରୀବ ଲଢ଼େଇ, ଲଙ୍କା ପୋଡ଼ି, ଇନ୍ଦ୍ରଜିତ ବଧ, ରାବଣ ବଧ ହୋଇ ଆଜି ରଘୁକୁଳ ତିଳକ ରାମ, ମାତା ସୀତା ଏବଂ ଭାଇ ଲକ୍ଷ୍ମଣ ଙ୍କର ଅଯୋଧ୍ୟା ଆଗମନ ହୋଇ ଅଭିଷେକ ହୋଇ ବାଲିପାଟପୁର ଭୂଷଣ୍ଡପୁରର ସମସ୍ତ ସାହି ଏକ ସୁସଜିତ ରଥରେ ପରିକ୍ରମା କରାଯାଇଥିଲା। ଏଥିସହିତ କଳାକାର ଓ ଗାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଚଳିତ ବର୍ଷ ଭୀଷଣ ରୌଦ୍ରତାପ, ଗୁଳୁଗୁଳି ଯୋଗୁଁ ଆଖ ଗ୍ରାମର ଅସଂଖ୍ୟ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

### ● ଘରେ ପଶି ମରଣାନ୍ତକ ଆକ୍ରମଣ ମାମଲା

## ୧୩ ଜଣଙ୍କ ନାମରେ ମାମଲା, ପୁଲିସ ହାତ ଖାଲି

ଟାଙ୍ଗୀ,୨୪।୫(ସମିସ): ଚାନ୍ଦପୁର ଥାନା ଅଧୀନ ବୋକାଖାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ ଘଟଣାରେ ୧୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ହେଲେ ପୁଲିସ କାହାରିକୁ ଧରିବାରେ ସକ୍ଷମ ହୋଇପାରିନାହିଁ।

ସୂଚନାଯୋଗ୍ୟ ଗତ ୧୭ ତାରିଖ ରେ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ସୁକାନ୍ତ ଭଟ୍ଟଙ୍କ ବାଡ଼ି ପଛପଟ ଦେଇ ଯାଇଥିବା ରାସ୍ତାରେ ଯାଇଥିଲା। ସେହି ଜାଗାରେ ଏକ ହମ୍ପସ ଥିବାରୁ ଗାଡିରୁ ଏକ ପଥର ଖସିପଡ଼ିଥିଲା। ଏଥିରେ ଶ୍ରୀ ଭଟ୍ଟ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେଣୁ ପଥର ଗାଡ଼ିକୁ ସାବଧାନରେ ନେବାକୁ ଶ୍ରୀ ଭଟ୍ଟ କହିଥିଲେ। ଏହି ଘଟଣା ନେଇ ଯୁକ୍ତିତର୍କ ହୋଇଥିଲା। ପରିବାରର ସମସ୍ତ ସଦସ୍ୟ ଭୁବନେଶ୍ୱରରେ ରହୁଥିବା ବେଳେ ଗାଁ କୁ ଏକ କାମରେ ଆସିଥିଲେ ସମସ୍ତ ପରିବାର ଲୋକେ। ମା ସତ୍ୟଭାମା ଓ ପୁଅ ସୁକାନ୍ତଙ୍କ ର ଛୁଟି ଥିବାରୁ ମା ଓ ପୁଅ ଘରେ ରହିଥିଲେ। କିନ୍ତୁ ପରଦିନ ୧୮ ତାରିଖରେ ଘରେ ବୁଢୀ ମା ଏବଂ ପୁଅ ଥିବାବେଳେ ପାଖା ପାଖି ୧୭ ଜଣ ପଥର ମାଫିଆ ଘରକୁ ଲାଗି ରହିଥିବା ଶୌଚାଳୟ ଉପରେ ଚଢ଼ି ଛାତକୁ ଯାଇ ସିଡି ରାସ୍ତା ଦେଇ ଘର ମଧ୍ୟକୁ ପ୍ରବେଶ କରି ଘରର କବାଟ ଲକ ଭାଙ୍ଗି ଦିନ ଦ୍ୱିପ୍ରହରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆକ୍ରମଣ କାରୀମାନେ ଖୋଲାଖୋଲି ବୁଲୁଥିବାବେଳେ ଏ ନେଇ ବୃଦ୍ଧା ମା' ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଫେରାଦ ହୋଇଥିଲେ। ମାତ୍ର ପୁଲିସ ଏ ଦିଗରେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

## ଭାଙ୍ଗିପଡ଼ିଛି ଗେଟ୍, ହେଉନି ମରାମତି




ବେଗୁନିଆ, ୨୪।୫ (ସମିସ): ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟରେ ନିର୍ମିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ଗେଟ୍ ଦୀର୍ଘଦିନ ହେବ ଭାଙ୍ଗି ପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ଗେଟ୍‌ରେ କଳଙ୍କି ଲାଗି ଖୋଲା ପଡ଼ିଛି। ଫଳରେ ବୁଲା ଗାଈଗୋରୁ ଷ୍ଟାଡିୟମ ଭିତରେ ପଶି ଘାସ ଖାଉଛନ୍ତି। ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ସମାଜସେବୀ ଓମ୍ ପ୍ରକାଶ ବାହୁବଳେନ୍ଦ୍ର ଓ କଂଗ୍ରେସ ବ୍ଲକ ସଭାପତି ମହମ୍ମଦ ମୋହି ଉଦ୍ଦିନ ତୁରନ୍ତ ମରାମତି ଦାବି କରିଛନ୍ତି। ଖବର ଲେଖା ହେଲା ବେଳକୁ ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ଉଠାଇନଥିଲେ।

### ● ଭତ୍ତାକୁ ଅନାଇ ଚାଲିଗଲା ଜୀବନ

## ମୃତ୍ୟୁ ପରେ ବୃଦ୍ଧାଙ୍କ ଘରେ ଦେଲେ ଭତ୍ତା

ଖୋର୍ଦ୍ଧା,୨୪।୫(ସମିସ): ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ତଥା ମଧୁ ବାବୁ ବାର୍ଦ୍ଧକ୍ୟ ଭତ୍ତା, ଅବିବାହିତ ଭତ୍ତା ଏବଂ ସ୍ୱାମୀ ପରିତ୍ୟକ୍ତ ଭତ୍ତା ବାବଦକୁ ପ୍ରତ୍ୟେକ ହିତାଧୀକାରୀଙ୍କୁ ମାସକୁ ୧ହଜାର ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ଆଜିକୁ ଦୀର୍ଘ ଦୁଇ ମାସ ଧରି ଖୋର୍ଦ୍ଧା ବ୍ଲକର ୨୨ଟି ଗ୍ରାମପଞ୍ଚାୟତ ଏବଂ ପୌର ପରିଷଦ ଅଧୀନ ୨୨ ଗୋଟି ୱାର୍ଡର ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କ ରେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯେଉଁମାନେ ଭତ୍ତା ପାଇ ନାହାନ୍ତି ସରକାରଙ୍କ ନିଷ୍ପତ୍ତି ଅନୁସାରେ ଭତ୍ତା ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଯିବ ବୋଲି କହିଥିଲେ। କିନ୍ତୁ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସି ନାହିଁ। ଫଳରେ ଅନେକ ହିତାଧିକାରୀ ଭତ୍ତାକୁ ଅପେକ୍ଷା କରି ଏବଂ ବ୍ୟାଙ୍କକୁ ଧାଇଁ ଧାଇଁ ମୃତ୍ୟୁ ବରଣ କରି ସାରିଲେଣି। ସଦ୍ୟତମ ସୂଚନା ଅନୁଯାୟୀ ଖୋର୍ଦ୍ଧା ବ୍ଲକ ବଙ୍ଗିଦା ପଞ୍ଚାୟତର ଭାଟପଡ଼ା ଗ୍ରାମର ରଙ୍ଗି ପାତାଳସିଂହ ଦୀର୍ଘ ଦିନ ଧରି ରୋଗରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ବେଳେ ଦୀର୍ଘ ଦୁଇ ମାସ ଧରି ଭତ୍ତା ଟଙ୍କା ପାଇନଥିଲେ। ସେହିପରି ୨୦୨୫ ମସିହା ନଭେମ୍ବର ମାସରୁ ତାଙ୍କର ରାସନ କାର୍ଡ ଥାଇ ମଧ୍ୟ କୌଣସି ରାଶନ ସାମଗ୍ରୀ ନପାଇବା ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହାରି ମଧ୍ୟରେ ଗତ ୧୬ତାରିଖରେ ରଙ୍ଗି ମୃତ୍ୟୁ ବରଣ କରିଥିଲେ। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଯେଉଁ ହିତାଧିକାରୀ ଅସୁସ୍ଥତା କାରଣରୁ ଭତ୍ତା ନେବାକୁ ପଞ୍ଚାୟତକୁ ଆସି ପାରୁ ନାହାଁନ୍ତି ସେମାନଙ୍କ ଘର କୁ ଯାଇ ଭତ୍ତା ପ୍ରଦାନ କରିବା ର ପ୍ରାବଧାନ ରହିଥିବା ବେଳେ ବଙ୍ଗିଦା ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପିଇଓଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସେ ଭତା ପାଇବାରୁ ବଞ୍ଚିତ ହୋଇଥିଲେ। ଶେଷରେ ଭତ୍ତାକୁ ଅପେକ୍ଷା କରି କରି ପ୍ରାଣ ହରାଇଦେଲେ। ଏହି ଖବର ପ୍ରଚାରିତ ହେବା ପରେ ବଙ୍ଗିଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ତତ୍ପରତା ଦେଖାଇ ଗତ ୨୧ତାରିଖରେ ରଙ୍ଗି ପାତାଳସିଂହର ମାସକର ଭତ୍ତା ବାବଦ ୧୦୦୦ ଟଙ୍କା ତାଙ୍କ ନାତି ସୁବ୍ରତ ପାତାଳସିଂହଙ୍କୁ ପ୍ରଦାନ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ

## କାଳିବତୀ ଓ ମୁଣ୍ଡାଆମ୍ବ ଶିଳ୍ପାଞ୍ଚଳ ପରିଦର୍ଶନ

ନିରାକାରପୁର,୨୪।୫(ସମିସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲା ଗସ୍ତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଥିଲା। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧.୩୦ ମିନିଟ୍‌ରେ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରୁ ସଡ଼କ ପଥରେ ବାହାରି ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା କାଳିବତୀ ମୌଜାରେ ପହଞ୍ଚିଥିଲେ। ସେଠାରେ ଥିବା 'ଟ୍ରାଇମେଟ୍ରୋ (ଟ୍ରାଇଡେଣ୍ଟ) ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ରେ ପହଞ୍ଚି ମୁଖ୍ୟମନ୍ତ୍ରୀ କମ୍ପାନୀର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ଆୟୋଜିତ ବୈଠକରେ ଯୋଗ ଦେଇଥିଲେ। ଏହି କମ୍ପାନୀଟି ସମ୍ପୂର୍ଣ୍ଣ ଭାବେ ସୌର ଶକ୍ତି (ସୋଲାର୍ ଏନର୍ଜି) ଦ୍ୱାରା ପରିଚାଳିତ ହେବା ସହିତ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳର ଯୁବତୀ ଓ ମହିଳାଙ୍କୁ କର୍ମସଂସ୍ଥାନ ଯୋଗାଇଦେବ ବୋଲି ଜାଣି ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୩ ଟାରେ ସେଠାରୁ ବାହାରି ମୁଣ୍ଡାଆମ୍ବ ମୌଜାସ୍ଥିତ 'ଆନାଡ୍ରୋନ୍ ସିଷ୍ଟମ୍ସ' ଫ୍ୟାକ୍ଟ୍ରି ପରିଦର୍ଶନ କରିଥିଲେ। ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ କୁମାର ଶର୍ମା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଉପଜିଲ୍ଲାପାଳ ସ୍ୱସ୍ତିକ ସଂକଳ୍ପ ସାହୁ, ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସ୍ଥାନୀୟ ନେତା କେଳୁ ଚରଣ ଜଗଦ୍ଦେବ, ଯୁବନେତା ମହେଶ୍ୱର ରାଉତରାୟ, ବିଜେପି ଜିଲ୍ଲା ଉପସଭାପତି ଦିଲ୍ଲୀପ କୁମାର ହୋତା, ବିଧାୟକଙ୍କ ପ୍ରତିନିଧି ନଗେନ୍ଦ୍ରନାଥ ସାହୁ, ଅକ୍ଷୟ କୁମାର ଉଦୟସିଂହ, କିଶୋର ବରାଳ, ଭାଗୀରଥି ସାମନ୍ତରାୟ ପ୍ରମୁଖ ବହୁ ଛାମୁଆ ନେତା ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ 'ଜେଡ୍ ପ୍ଲସ୍' ଶ୍ରେଣୀ ଏବଂ ଆଡଭାନ୍ସ ସିକ୍ୟୁରିଟି ଲାଇଜନିଂ ପ୍ରୋଟୋକଲ୍ ଅନୁଯାୟୀ ବ୍ୟବସ୍ଥା କରାଯାଇଥିଲା। ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଓ ନିରାକାରପୁର ସମେତ ଜିଲ୍ଲାର ପୁଲିସ ବାହିନୀ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଥିଲେ।

